# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**05 October - 2023**

**News Editor : ITISHREE SINGH RATHAUR**

**************************************

## ମୁଖ୍ୟ ସମ୍ବାଦ

- ରାୟଗଡ଼ାର କଂସାରୀଗୁଡ଼ାଠାରେ ପ୍ରସ୍ତାବିତ ଆଲୁମିନା ରିଫାଇନାରୀ ପାଇଁ ଓଡ଼ିଶା ଖଣି ନିଗମ ଓ ହିଣ୍ଡାଲକୋ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

— ବିନିଯୋଗ ହେବ ୮ ହଜାର କୋଟି ଟଙ୍କା; ରୋଜଗାର ପାଇବେ ୫ ହଜାର ଲୋକ

- ସାମ୍ପ୍ରତିକ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ିହୋଇ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ବିପିୟୁଟି ଟେକ୍ କାର୍ଣ୍ଣିଭାଲ୍ ଶୁଭାରମ୍ଭ ଅବସରରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ
- ଗଞ୍ଜାମ ଜିଲ୍ଲାରେ 'ମେରୀ ମାଟି ମେରା ଦେଶ' କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦୋଷ
- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ବନକଲାଗି ନୀତି; ୪ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ଏସୀୟ କ୍ରୀଡାରେ ଆଜି ଭାରତକୁ ମିଳିଲା ଆଉ ୨ଟି ସ୍ୱର୍ଣ୍ଣ; ପଦକ ସଂଖ୍ୟା ୮୩କୁ ବୃଦ୍ଧି

## ବୁଝାମଣା ପତ୍ର ସ୍ୱାକ୍ଷରିତ-ଖଣି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଓଡିଶା ଖଣି ନିଗମ-ଓଏମ୍‌ସି ଏବଂ ହିଣ୍ଡାଲ୍‌କୋ ମଧ୍ୟରେ ରାୟଗଡ଼ାର କଂସାରୀଗୁଡ଼ାଠାରେ ପ୍ରସ୍ତାବିତ ଆଲୁମିନା ରିଫାଇନାରୀ ପାଇଁ  ଦୀର୍ଘକାଳୀନ କଞ୍ଚାମାଲ ଉପଲବ୍ଧ କରାଇବାକୁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲବନ୍ତ ସିଂ ଏବଂ ହିଣ୍ଡାଲ୍‌କୋର ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ରାୟଗଡ଼ାଠାରେ ୨ ମିଲିୟନ୍ ଟନ୍ ଆଲୁମିନା ରିଫାଇନାରୀ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଆଜି ଓଡ଼ିଶାରେ ଶିଳ୍ପର ବୃଦ୍ଧି ଓ ବିକାଶ ଦିଗରେ ଏକ ନୂଆ ଯାତ୍ରାର ଆରମ୍ଭ ହୋଇଛି। ପୂର୍ବ ଭାରତର ଶିଳ୍ପ ହବ୍ ଭାବେ ଓଡ଼ିଶାକୁ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ ଦେବାକୁ ରାୟଗଡ଼ାର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି, ୮ ହଜାର କୋଟି ଟଙ୍କା ବିନିଯୋଗରେ ଏହି ରିଫାଇନାରୀ ନିର୍ମାଣ କରାଯାଉଛି। ଏହା ମାଧ୍ୟମରେ ୧ ହଜାର ପ୍ରତ୍ୟକ୍ଷ ରୋଜଗାର ସୃଷ୍ଟି ହେବାକୁ ଥିବାବେଳେ ପରୋକ୍ଷ ଭାବରେ ୪ ହଜାର ଲୋକଙ୍କୁ ରୋଜଗାର ମିଳିବ।

## ମୁଖ୍ୟମନ୍ତ୍ରୀ-ବିପିୟୁଟି ଟେକ୍ କାର୍ଣ୍ଣିଭାଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍ଟି ପ୍ରେକ୍ଷାଳୟରେ ବିପିୟୁଟି ଟେକ୍ କାର୍ଣ୍ଣିଭାଲ୍-୨୦୨୩ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆଜି ପ୍ରଗତି, ସୁସ୍ଥତା ସବୁକିଛି ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ଭର କରୁଛି। ସେ ଛାତ୍ରଛାତ୍ରୀମାନଙ୍କୁ ସାମ୍ପ୍ରତିକ ପ୍ରଯୁକ୍ତିବିଦ୍ୟା ସହ  ଯୋଡ଼ି ହୋଇ ନିଜର ସାମଗ୍ରୀକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଏହି କ୍ଷେତ୍ରରେ ଦକ୍ଷତା ବିକାଶ କେନ୍ଦ୍ର ଏକ ପ୍ରମୁଖ ଅନୁଷ୍ଠାନ ଭାବେ କାର୍ଯ୍ୟ କରୁଛି। ଏହି ଅବସରରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି, ଓଡ଼ିଶା ପ୍ରଯୁକ୍ତିବିଦ୍ୟାର ପେଣ୍ଠସ୍ଥଳି ପାଲଟିଛି। ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଶିକ୍ଷା ଦିଆଯିବା ସହ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି ଅବସରରେ ଫାଇଭ୍-ଟି ସଚିବ ଭି.କେ.ପାଣ୍ଡିଆନ୍ ଦକ୍ଷତା ବିକାଶ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ବିପିୟୁଟିର କୁଳପତି ଅମୀୟ କୁମାର ରଥଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ସ୍କ୍ରବ୍ ଟାଇଫସ୍

ସୁନ୍ଦରଗଡ଼ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ୨ ଜଣ ନୂଆ ସ୍କ୍ରବ୍ ଟାଇଫସ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ପଜିଟିଭ୍ ସଂଖ୍ୟା

୩୩୦କୁ ବୃଦ୍ଧି ପାଇଛି। ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ), ଜନସାଧାରଣଙ୍କୁ ଭୟଭିତ ନହେବା ଲାଗି ପରାମର୍ଶ ଦେଇଛନ୍ତି। ଯଦି କାହାରି ଠାରେ ଏହି ରୋଗର କୌଣସି ଲକ୍ଷଣ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବାକୁ ସେ କହିଛନ୍ତି।

## ୱେବ୍‌ସାଇଟ୍ ଲୋକାର୍ପିତ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ ପୋର୍ଟାଲ ଲୋକାର୍ପିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ କହିଛନ୍ତି ଏହି ପୋର୍ଟାଲ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ବିଭାଗୀୟ ଅଧିକାରୀମାନେ ଏହି ପୋର୍ଟାଲର କାର୍ଯ୍ୟ ପ୍ରଣାଳୀ ବାବଦରେ ଅଧିକ ଦକ୍ଷ ହେବାପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ବିଇଡ୍ ସ୍ପଟ୍ ନାମଲେଖା

ବିଇଡି ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ୱେଟିଙ୍ଗ ଲିଷ୍ଟ ପ୍ରକାଶ ପାଇବ। ଆଶାୟୀ ଛାତ୍ରଛାତ୍ରୀମାନେ ୭ ତାରିଖରୁ ୯ ତାରିଖ ମଧ୍ୟରେ ରିପୋର୍ଟିଂ କରିବା ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବେ। ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ଆସନ୍ତା ୧୨ ତାରିଖରେ ମେଧା ତାଲିକା ପ୍ରକାଶ

ପାଇବ। ଏହାର ନାମଲେଖା ୧୩ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ।

## ଅମୃତ କଳସ

କେନ୍ଦ୍ର ରେଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦୋଷ ଆଜି ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ଗଞ୍ଜାମ ଜିଲ୍ଲା ଚିକିଟି ଅନ୍ତର୍ଗତ ପଦାଦିଗି ଗ୍ରାମ ପଞ୍ଚାୟତର ଘଡେଇ ଗାଁ ଗସ୍ତ କରିଛନ୍ତି ବୋଲି ଜଣାପଡିଛି। ରାଷ୍ଟ୍ରମନ୍ତ୍ରୀ ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମରେ ଯୋଗଦେବା ସହ ଅମୃତ କଳସରେ ଅମୃତ ମାଟି ସଂଗ୍ରହ କରିଛନ୍ତି।

## ଭୀମସାର

ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ଚିକିତ୍ସାଳୟ (ଭିମସାର)ରେ ଡାକ୍ତରୀ ଛାତ୍ର ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ବିବାଦ ଘଟଣାରେ ଜଣେ ପିଜି ଛାତ୍ର ଓ ଜଣେ ସୁରକ୍ଷା କର୍ମୀ ଆହତ ହୋଇଥିବା ସୂଚନା ମିଳିଛି। ଉଭୟଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରାଯାଇଛି। ମେଡିକାଲ ଫାଣ୍ଡି ଓ ସିକ୍ୟୁରିଟି ପୋଷ୍ଟରେ ଭଙ୍ଗାରୁଜା ହୋଇଥିବା ଜଣାଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## ବନ୍ଦ ଡାକରା

ରାଉରକେଲା ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଞ୍ଜ୍ ଓ ଉଦିତନଗର ଥାନାର ମହିଳା ଏଏସଆଇ ଆଲିସା ଲୁଗୁନଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ ଆଜି ବିଜେପି ପକ୍ଷରୁ ୧୨ ଘଂଟିଆ ସୁନ୍ଦରଗଡ଼ ଜିଲ୍ଲା ବନ୍ଦ ପାଳନ

କରାଯାଉଛି । ସକାଳ ୬ଟା ଠାରୁ ସଂନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଉଛି । ଫଳରେ ଦୋକାନବଜାର ବନ୍ଦ ରହିଛି । ଯାନବାହନ ଚଳାଚଳ ଆଂଶିକ ପ୍ରଭାବିତ ହୋଇଛି । ତେବେ ଜରୁରୀକାଳୀନ ସେବାକୁ ଏଥିରୁ ବାଦ୍ ଦିଆଯାଇଛି । ସେହିପରି ଘରୋଇ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ବନ୍ଦ ରହିଥିବାବେଳେ ସରକାରୀ ସ୍କୁଲ, କଲେଜ ଖୋଲା ରହିଥିବା ସୂଚନା ମିଳିଛି ।

## ବାଜି ରାଉତ ଜୟନ୍ତୀ

ଓଡ଼ିଶାର ବୀରପୁତ୍ର ବାଜି ରାଉତଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସୋସିଆଲ୍ ମିଡିଆ ପୋଷ୍ଟରେ ବୀର ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ସର୍ବକନିଷ୍ଠ ସହିଦ୍ ବାଜି ରାଉତଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍ମରଣ କରିଛନ୍ତି । ସେ ଲେଖିଛନ୍ତି, ମାତ୍ର ୧୨ ବର୍ଷ ବୟସରେ ଦେଶର ସ୍ୱାଧୀନତା ପାଇଁ ସେ ଦେଖାଇଥିବା ବୀରତ୍ୱ ଓ ପରାକ୍ରମ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସହିଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ତାଙ୍କର ସାହସ ଓ ସ୍ୱାଭିମାନ ସଦା ସର୍ବଦା ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରୁଥିବ ।

**ଢେଙ୍କାନାଳ** ସହର ବାଜି ଚୌକ ସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଆଜି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍‌ର ନୀଳକଣ୍ଠପୁର ଗ୍ରାମରେ ୧୯୨୬ ମସିହାରେ ଅକ୍ଟୋବର ୫ ତାରିଖରେ ବାଜି ରାଉତଙ୍କ ଜନ୍ମ ହୋଇଥିଲା ।

## ସଂକଳ୍ପ ସପ୍ତାହ

ନବରଙ୍ଗପୁର ଜିଲ୍ଲା ଆକାଂକ୍ଷୀ ବ୍ଲକ୍ ଡାବୁଗାଁଠାରେ ସଂକଳ୍ପ ସପ୍ତାହ ପାଳନ ଅବସରରେ ଆଜି 'ସ୍ୱଚ୍ଛତା ଏକ ସଂକଳ୍ପ' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗ୍ରାମପଞ୍ଚାୟତରେ ସ୍ୱଚ୍ଛତା ଶିବିର ହୋଇଛି। ସ୍ୱଚ୍ଛତା ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ଏ ନେଇ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡକୁଦ ପ୍ରତିଯୋଗିତା ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା।

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀବିଗ୍ରହମାନଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବକମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିବେ। ଆଶ୍ୱିନ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆଜି ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଏସୀୟ କ୍ରୀଡା

ଚୀନ୍‌ର ହାଙ୍ଗ୍‌ଝୌଠାରେ ଚାଲିଥିବା ଏସୀୟ କ୍ରୀଡାରେ ଭାରତକୁ ଆଜି ଆଉ ୨ଟି ସ୍ୱର୍ଣ୍ଣପଦକ ମିଳିଛି। ଭାରତର ଦିପିକା ପାଲିକଲ ଏବଂ ହରିନ୍ଦର ପାଲ୍ ସିଂ ସନ୍ଧୁ ସ୍କ୍ୱାସ୍‌ର ମିକ୍ସଡ୍ ଡବଲ୍ ଇଭେଣ୍ଟରେ  ମଲେସିଆକୁ ହରାଇ ସ୍ୱର୍ଣ୍ଣପଦକ ଜିତିଛନ୍ତି।  ସେହିଭଳି କର୍ଣ୍ଣତ୍ କୌର ଅଦିତି ଗୋପିଚନ୍ଦ ସ୍ୱାମୀ ଏବଂ ଜ୍ୟୋତି ସୁରେଖା ତୀରଚାଳନାରେ ଚୀନ୍‌କୁ ହରାଇ ସ୍ୱର୍ଣ୍ଣପଦକ ଜିତିଛନ୍ତି।  ୨୦ଟି ସ୍ୱର୍ଣ୍ଣ, ୩୧ଟି ରୌପ୍ୟ ଏବଂ ୩୨ଟି ବ୍ରୋଞ୍ଜ ପଦକ ସହ ଭାରତର ପଦକ ସଂଖ୍ୟା ୮୩କୁ ବୃଦ୍ଧି ପାଇଛି।

# ଏସିଆନ୍ ଗେମ୍ସ

ଏସୀୟ କ୍ରୀଡାରେ ଜାଭଲିନ୍ ଥ୍ରୋ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଆ ଆଥଲେଟ୍ କିଶୋର କୁମାର ଜେନାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫୋନ୍ ଯୋଗେ କଥାହୋଇ ଶୁଭେଚ୍ଛା ଜଣାଇଛନ୍ତି। ଏ ସମ୍ପର୍କରେ ସୋସିଆଲ୍ ମିଡିଆରେ ପୋଷ୍ଟ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, କିଶୋରଙ୍କ ଏହି ସଫଳତା ଦେଶ ତଥା ଓଡ଼ିଆ ଲୋକଙ୍କୁ ଗର୍ବିତ କରିଛି। ଦେଶକୁ ଗୌରବାନ୍ୱିତ କରିବା ପାଇଁ ତାଙ୍କ ଭିତରେ ଥିବା ଦୃଢ଼ ଇଚ୍ଛାଶକ୍ତି ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କିଶୋର କୁମାର ଜେନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ଦେଢ଼କୋଟି ଟଙ୍କାର ଆର୍ଥିକ ପୁରସ୍କାର ରାଶି ଘୋଷଣା କରିଛନ୍ତି।  ସୂଚନାଯୋଗ୍ୟ, ପୁରୁଷ ଜାଭେଲିନ୍ ଥ୍ରୋରେ କିଶୋର ଜେନା ୮୭ ଦଶମିକ ୫୪ ମିଟର

ଜାଭେଲିନ୍ ଫିଙ୍ଗି ରୌପ୍ୟପଦକ ଜିତିଛନ୍ତି । ଏଥିସହ ସେ ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି ।

## ବିଶ୍ୱକପ୍

ଗୁଜୁରାଟରେ ଆଜିଠାରୁ ଆଇସିସି ପୁରୁଷ ଓଡିଆଇ କ୍ରିକେଟ୍ ବିଶ୍ୱକପ୍ର ଶୁଭାରମ୍ଭ ହୋଇଛି। ଅହମଦାବାଦର ନରେନ୍ଦ୍ରମୋଦୀ ଷ୍ଟାଡିୟମ୍ଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରାରମ୍ଭିକ ମ୍ୟାଚ୍ ଜାରି ରହିଛି। ସୂଚନା ଅନୁସାରେ, ଆସନ୍ତା ରବିବାର ଚେନ୍ନାଇସ୍ଥିତ ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଗାଙ୍ଗେୟ ଉପତ୍ୟକା ସଂଲଗ୍ନ ଝାରଖଣ୍ଡ ଉପରେ ରହିଛି। ଓଡ଼ିଶା ଉପରେ ଏହାର ପ୍ରଭାବ ହ୍ରାସ ପାଇଥିବା ଯୋଗୁଁ ରାଜ୍ୟରେ ବର୍ଷାର ପରିମାଣ କମିଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ, ଦେଶର ପଶ୍ଚିମ ଭାଗରୁ ମୌସୁମୀ ଅପସାରଣ ହୋଇସାରିଥିବାବେଳେ ଓଡ଼ିଶା ଆଡକୁ ମଧ୍ୟ ପଶ୍ଚିମା ଶୁଷ୍କ ବାୟୁ ଅଗ୍ରସର ହେଉଛି। ପାଗ ଅନୁକୂଳ ରହିଲେ ଆସନ୍ତା ୧୦ ତାରିଖ ସୁଦ୍ଧା ରାଜ୍ୟରୁ ମୌସୁମୀ ଅପସାରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୂର୍ବାନୁମାନ କରାଯାଇଛି।

*******************************